# The Orissa Gazette

**EXTRAORDINARY**

**PUBLISHED BY AUTHORITY**

No. 1228 CUTTACK, TUESDAY, SEPTEMBER 22, 1998/BHADRA 31, 1920


ସଂଖ୍ୟା 23326/ସା.ପ୍ର.

ସଂକଳ୍ପ

---

## ସାଧାରଣ ପ୍ରଶାସନ ବିଭାଗ

---

ତା 28 ଅଗଷ୍ଟ 1998ରିଖ

**ବିଷୟ** :— 'ଗ' ବର୍ଗ ଜିଲ୍ଲା ସବର୍ଗ ପଦବୀମାନଙ୍କର ନିଯୁକ୍ତି ପ୍ରକ୍ରିୟା ।

ଓଡ଼ିଶା କର୍ମଚାରୀ ମନୋନୟନ ଆୟୋଗ ନିୟମାବଳୀ, 1993 ର ଅନୁସୂଚୀ 1 ରେ ପଦବୀ ଅନ୍ତର୍ଭୁକ୍ତି ଓ ବହିର୍ଭୂତ କରିବା ସଂକ୍ରାନ୍ତ ପ୍ରସ୍ତାବ ତା 25-5-1998 ରିଖରେ ଅନୁଷ୍ଠିତ ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦନ ଲାଭ କରିଛି । ଏହି ପ୍ରସ୍ତାବ ଅନୁଯାୟୀ ଚାକିରିର ପ୍ରୟୋଜନୀୟତା, ପଦବୀ ସଂଖ୍ୟା ତଥା କ୍ଷେତ୍ରପରିବେକ୍ଷଣ ଅଧିକାରୀମାନଙ୍କର ଅବସ୍ଥିତିକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ବିଭିନ୍ନ ବିଭାଗର 31 ଗୋଟି ପଦବୀକୁ ଜିଲ୍ଲା ସଂବର୍ଗରେ ଅନ୍ତର୍ଭୁକ୍ତ କରାଗଲା:—

| କ୍ରମିକ ସଂଖ୍ୟା (1) | ବିଭାଗ (2) | ପଦବୀର ନାମ (3) |
|---|---|---|
| 1 | କୃଷି | 1. ଜୁନିୟର ସଏଲ କନଜରଭେସନ ଆସିଷ୍ଟାଣ୍ଟ |
| 2 | ସମବାୟ | 1. ଇନ୍‌ସ୍ପେକ୍ଟର ଅଫ୍ କୋ-ଅପରେଟିଭ୍ ସୋସାଇଟିଜ୍ |
| 3 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | 1. ମାର୍କେଟିଂ ଇଣ୍ଟେଲିଜେନ୍ସ ଇନ୍‌ସପେକ୍ଟର |
| | | 2. ଇନ୍‌ସପେକ୍ଟର ଅଫ୍ ସପ୍ଲାଇଜ୍ |
| | | 3. ଆସିଷ୍ଟାଣ୍ଟ ଏକାଉଣ୍ଟାଣ୍ଟ |
| 4 | ଅର୍ଥ | 1. ସ୍ମଲ ସେଭିଙ୍ଗ୍ସ ଅଫିସର |
| 5 | ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ | 1. ଲାଇଭ୍‌ଷ୍ଟକ୍ ଇନ୍‌ସପେକ୍ଟର |
| | | 2. ଡେୟରୀ ଓଭରସିଅର |
| | | 3. ଜୁନିୟର ଲାବୋରେଟୋରୀ ଆସିଷ୍ଟାଣ୍ଟ |
| 6 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 1. ଫାର୍ମାସିଷ୍ଟ |
| | | 2. ଷ୍ଟାଫ ନର୍ସ |
| | | 3. ପାରାମେଡ଼ିକାଲ ୱାର୍କର |
| | | 4. ମଲ୍‌ଟିପରପୋଜ୍ ହେଲଥ ୱାର୍କର (ମେଲ) |
| | | 5. ମଲ୍‌ଟିପରପୋଜ୍ ହେଲ୍‌ଥ ୱାର୍କର (ଫିମେଲ୍) |
| | | 6. ଲାବୋରେଟୋରୀ ଟେକ୍‌ନିସିଆନ୍ |
| | | 7. ରେଫ୍ରିଜେରେଟର ମେକାନିକ |

| (1) | (2) | (3) |
| --- | --- | --- |
| 7 | ସ୍ୱାସ୍ଥ୍ୟ | 1. ଫାର୍ମାସିଷ୍ଟ |
| 8 | ସୂଚନା ଓ ଲୋକ ସଂପର୍କ | 1. ଆସିଷ୍ଟାଣ୍ଟ ଅପରେଟର |
| 9 | ଶ୍ରମ ଓ ନିଯୁକ୍ତି | 1. ଜୁନିଅର ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ |
| 10 | ପଞ୍ଚାୟତି ରାଜ | 1. ପ୍ରୋଗ୍ରେସ୍ ଆସିଷ୍ଟାଣ୍ଟ |
| | | 2. ଗ୍ରାମପଞ୍ଚାୟତ ଏକ୍ସଟେନସନ ଅଫିସର |
| 11 | ଯୋଜନା ଓ ସମନ୍ୱୟ | 1. ପ୍ରାଇମେରୀ ଇନଭେଷ୍ଟିଗେଟର |
| 12 | ଇସ୍ପାତ ଓ ଖଣି | 1. ଜୁନିଅର ସୁପରଭାଇଜର |
| | | 2. ଲାବୋରେଟୋରୀ ଆଟେଣ୍ଡାଣ୍ଟ |
| | | 3. ଓର ଡ୍ରେସିଂ ଆସିଷ୍ଟାଣ୍ଟ |
| | | 4. ସାମ୍ପଲିଂ ଆସିଷ୍ଟାଣ୍ଟ |
| 13 | ବିଦ୍ୟାଳୟ ଓ ଗଣ ଶିକ୍ଷା | 1. ଆସିଷ୍ଟାଣ୍ଟ ଟିଚର୍ |
| 14 | କଲ୍ୟାଣ | 1. ୱେଲ୍‌ଫେୟାର ଏକ୍ସଟେନସନ ଅଫିସର |
| | | 2. ଅଡ଼ିଟର |
| | | 3. ଆସିଷ୍ଟାଣ୍ଟ ଟିଚର୍ |
| 15 | ମହିଳା ଓ ଶିଶୁ ବିକାଶ | 1. ସୋସିଆଲ୍ ଏଜୁକେସନ୍ ଅର୍ଗାନାଇଜର୍ |

ଜିଲ୍ଲା ସଂବର୍ଗ ପଦବୀ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା କେବଳ ଜିଲ୍ଲା ସ୍ତରରେ ହିଁ ପ୍ରଚଳିତ ନିୟମାନୁଯାୟୀ ତଥା ସେହି ଜିଲ୍ଲାରୁ ନିଯୋଜନ କାର୍ଯ୍ୟାଳୟରେ ପଂଜିକୃତ ହୋଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ପରୀକ୍ଷାଦ୍ୱାରା ସଂରକ୍ଷଣ ନିୟମକୁ ଦୃଷ୍ଟିରେ ରଖି ସମ୍ପନ୍ନ କରାଯିବ । ସମ୍ପୃକ୍ତ ପ୍ରଶାସନିକ ବିଭାଗମାନେ ଉପରୋକ୍ତ 'ଗ' ବର୍ଗ ପଦବୀଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ପୂର୍ବରୁ ରାଜ୍ୟ ସ୍ତରୀୟ ସଂବର୍ଗରେ ଥିଲେ ସେଗୁଡ଼ିକୁ ଜିଲ୍ଲା ସଂବର୍ଗରେ ଅନ୍ତର୍ଭୁକ୍ତ କରିବାକୁ ଆବଶ୍ୟକୀୟ ପଦକ୍ଷେପ (ଆବଶ୍ୟକୀୟ ସେବା ସର୍ତ୍ତ ନିୟମାବଳୀ ସଂଶୋଧନ ସମେତ) ଶୀଘ୍ର ଗ୍ରହଣ କରିବେ । ଏହି ଜିଲ୍ଲା ସଂବର୍ଗରେ ଥିବା 'ଗ' ବର୍ଗ ପଦବୀଗୁଡ଼ିକରେ ନିଯୁକ୍ତିପାଇଁ ପ୍ରବରଣ ମଣ୍ଡଳୀ ଗଠନ ଓ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଉକ୍ତ ପ୍ରବରଣ ମଣ୍ଡଳୀର ଅଧ୍ୟକ୍ଷଭାବେ ମନୋନୀତ କରିବାପାଇଁ ସଂପୃକ୍ତ ପ୍ରଶାସନିକ ବିଭାଗମାନଙ୍କ ତରଫରୁ ଆବଶ୍ୟକୀୟ ଆଦେଶ ନିର୍ଗମନ କରାଯିବ ।

———

ଆଦେଶ—ଆଦେଶ ଦିଆଗଲା ଯେ ସଂକଳ୍ପଟି ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହେବ ଏବଂ ଏହାର ନକଲ ସରକାରଙ୍କ ସମସ୍ତ ବିଭାଗ/ ସମସ୍ତ ବିଭାଗୀୟ ମୁଖ୍ୟ/ ସଦସ୍ୟ, ରାଜସ୍ୱ ପର୍ଷଦ/ ସମସ୍ତ ରେଭିନ୍ୟୁ ଡିଭିଜନାଲ କମିସନର/ ସମସ୍ତ ଜିଲ୍ଲାପାଳ/ସଚିବ, ଓଡ଼ିଶା କର୍ମଚାରୀ ମନୋନୟନ ଆୟୋଗ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ପ୍ରିୟବ୍ରତ ପଟ୍ଟନାୟକ
ସ୍ୱତନ୍ତ୍ର ଶାସନ ସଚିବ

———

Printed and Published by the Director, Printing, Stationery and Publication, Orissa, Cuttack-10
Ex. Gaz 807—188+300 ComPsed on 21-9-1998—Printed on 17-10-1998